


# ଏମ୍.ପି. ସି. କଲେଜ ରାଜନୀତି ବିଜ୍ଞାନ ବିଭାଗର ଦ୍ୱି ଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦଯାପିତ

ବାରିପଦା : ସ୍ଥାନୀୟ ଏମ୍.ପି.ସି କଲେଜର ରାଜନୀତି ବିଜ୍ଞାନ ପକ୍ଷରୁ ଆୟୋଜିତ ଦ୍ୱି ଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦଯାପିତ ହୋଇଯାଇଛି । ...



# ୩ ଦିନିଆ ସାମଗ୍ରିକ ବିଦ୍ୟାଳୟ ବିକାଶ ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ



# ପଦାର୍ଥ ବିଜ୍ଞାନ ବିଭାଗରେ ଜାତୀୟ ଆଲୋଚନା ଚକ୍ର



## ରାଜ୍ୟସ୍ତରୀୟ ପାରା ଖେଳକୁଦ ପ୍ରତିଯୋଗିତା

# ରଞ୍ଜନ ଓ ରଜଙ୍କୁ ସ୍ୱର୍ଣ୍ଣ ପଦକ

ବାରିପଦା : ପାରା ସ୍ପୋର୍ଟସ ଏସୋସିଏସନ, ଓଡ଼ିଶା ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ...



# ପ୍ରାଇଭେଟ୍ କମ୍ପାନୀ ଦ୍ୱାରା ଡ୍ରିଲିଂ ବନ୍ଦ୍ ନେଇ ଉପ ଜିଲ୍ଲାପାଳଙ୍କ ସହ ଆଲୋଚନା କଲେ ଗ୍ରାମବାସୀ



# ସେପ୍ଟେମ୍ବର ୫ରେ ଗୁରୁ ପୂଜନ ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,(ପି.ଏନ):



# ସହର ସାରା ବାଉଁଶ ମୟ : ଗଣେଶ ପୂଜା ପାଇଁ ସଜବାଜ



# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଭାଷାର ମହତ୍ତ୍ୱ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ

ଭୁବନେଶ୍ୱର,(ପି.ଏନ):






**ଭୁବନେଶ୍ୱର, ୨୦୨୫, ଅଗଷ୍ଟ ୨୫**

# ବୁମେରାଂ ହେବ ଟ୍ରମ୍ପଙ୍କ ନୀତି (୧)

**ସୌମେନ୍ଦ୍ର ଜେନା**

ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ନିଜ ଶାସନ କାଳରେ ଆମେରିକାକୁ ଶକ୍ତିଶାଳୀ ଓ ସମୃଦ୍ଧଶାଳୀ କରି ଗଢି ତୋଳିବାକୁ ଯେଉଁ ସ୍ଲୋଗାନ ଗତ ନିର୍ବାଚନ ବେଳେ ଦେଇଥିଲେ ତାହା କ୍ରମଶଃ ମଳିନ ପଡିବାରେ ଲାଗିଛି । ଅତି କମ୍ ସମୟରେ ଟ୍ରମ୍ପ ଆମେରିକାକୁ ଅନେକ ଦେଶର ଶତ୍ରୁରାଷ୍ଟ୍ର ଭାବେ ଛିଡାକରି ଆମେରିକାବାସୀଙ୍କ ଆଶା ଓ ବିଶ୍ୱାସକୁ ତୁଟାଇ ଏକଛତ୍ରବାଦୀର ପରିଚୟ ଦେବାକୁ ପଛାଇନାହାନ୍ତି । ବାରମ୍ବାର ମିଛକଥା କହିବା, ଭୁଲ ସ୍ୱୀକାର ନକରିବା, ଅନ୍ୟକୁ ପ୍ରଭାବିତ କରିବାକୁ ତ୍ରୁଟିଯୁକ୍ତ ତର୍କ ଗଢିବାକୁ କେନ୍ଦ୍ରକରି ଆମେରିକା ଓ ଆମେରିକା ବାହାରେ ଟ୍ରମ୍ପଙ୍କୁ ସମାଲୋଚନା କରାଯାଉଛି । ନିଜେ ସରକାରକୁ ଆସିଲେ ରୁଷିଆ-ୟୁକ୍ରେନ ଯୁଦ୍ଧକୁ ସେ ବନ୍ଦ କରାଇଦେବେ ବୋଲି ଯେଉଁ ବାହାଦୂରୀ ଦେଖାଉଥିଲେ ତାହା ବେଶ୍ ଧରାପଡିଯାଇଛି । ଇତି ମଧ୍ୟରେ ସରକାରକୁ ଆସିବାର ସାତମାସ ଅତିକ୍ରାନ୍ତ କରିଥିଲେ ମଧ୍ୟ ରୁଷିଆ-ୟୁକ୍ରେନ ଯୁଦ୍ଧ ଜାରି ରହିଛି । ଶୁଳ୍କ ଯୁଦ୍ଧ ମାଧ୍ୟମରେ ଅନ୍ୟଦେଶମାନଙ୍କୁ ଭୟଭୀତ କରିବାକୁ ଉଦ୍ୟମ କରି ସେ ଶୁଳ୍କ ବୃଦ୍ଧିରୁ କଟକଣାକୁ ମଧ୍ୟ ଯାଇସାରିଲେଣି । ବସ୍ତୁ ଉପରେ ପ୍ରବେଶ ଶୁଳ୍କ ବୃଦ୍ଧିକରି ବିଦେଶୀ ରପ୍ତାନୀକାରୀ ରାଷ୍ଟ୍ରଠାରୁ ଅଧିକ ଅର୍ଥ ଆଦାୟ କରିବାକୁ ସେ ଯେଉଁ ସ୍ୱପ୍ନ ଦେଖିଥିଲେ ତାର ଫଳ ଓଲଟା ଦେଖାଦେଲାଣି । ଫଳରେ ଆମେରିକାର ଅନେକ କମ୍ପାନୀ ଅଳ୍ପଦିନରେ ଦେବାଳିଆ ହେଲେଣି,ପୁଞ୍ଜି ବଜାର ଦୁର୍ବଳ ହେଲାଣି । ଆମେରିକାରେ ଲୋକେ ସଡକ ଉପରକୁ ଆସି ଟ୍ରମ୍ପଙ୍କୁ ବିଦା କରିବାକୁ ଆହ୍ୱାନ ଦେଲେଣି । ବିଶ୍ୱରେ ଡଲାର ବିରୋଧୀ ଅଭିଯାନ ଅଧିକ ତୀବ୍ର ହେବାକୁ ଲାଗିଲାଣି ।

ଟ୍ରମ୍ପଙ୍କ ପୂର୍ବରୁ ଜୋ ବାଇଡେନ ନିଜ ଶାସନ କାଳରେ ଯେପରି ବିଶ୍ୱରେ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ସମସ୍ୟାର କାରଣ ହୋଇଥିଲେ, ଠିକ୍ ସେହିପରି ଟ୍ରମ୍ପ ମଧ୍ୟ ଖୁବ୍ କମ୍ ଦିନରେ ବିଶ୍ୱ ବଜାରର ଧ୍ୱଂସକାରୀ ଭାବେ ନିଜକୁ ପରିଚିତ କରାଇଲେ । ଟ୍ରମ୍ପ ମନେମନେ ଭାବିଥିଲେ ଯେ ସେ ଶୁଳ୍କ ଯୁଦ୍ଧ ଆଳରେ ବହୁଦେଶକୁ ନିଜ ଅନୁଗତ କରିବେ । ହେଲେ ବହୁ ଛୋଟ ଛୋଟ ଦେଶ ଟ୍ରମ୍ପଙ୍କୁ ଆହ୍ୱାନ ଦେବାକୁ ଆଗେଇ ଆସିଲେ । ଚୀନ ଓ ଭାରତକୁ ନିୟନ୍ତ୍ରଣ କରିବାକୁ ଡବଲଗେମ୍ ଖେଳି ଟ୍ରମ୍ପ ଦେଖିଲେ ଯେ ଚୀନ ବିରୋଧରେ କଟକଣା ଜାରିକଲେ ଚୀନ ବଦଳରେ ଆମେରିକାର ଅଧିକ କ୍ଷତି ହେବ । କାରଣ ଆମେରିକାର ବଜାରକୁ ଚୀନ ଏପରି ଦଖଲ କରିଛି ଯେ ସେଠାକାର ଲୋକେ ଯୋଗାଣ ଅଭାବରୁ ଅସୁବିଧା ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ଟ୍ରମ୍ପ ଦ୍ୱିତୀୟ ପାଳିରେ ରାଷ୍ଟ୍ରପତି ହେବା ପରେ ଯେମିତି ଉ ର କୋରିଆ ବିରୋଧରେ ଅଧିକ କିଛି କହୁନାହାନ୍ତି ସେମିତି ଚୀନକୁ ବିରୋଧ କରି କହୁନାହାନ୍ତି । ଯେଉଁଥିପାଇଁ ଭାରତ ବିରୋଧରେ ୫୦ପ୍ରତିଶତ ପ୍ରବେଶ ଶୁଳ୍କ ଲଗାଇଥିବା ବେଳେ ଚୀନକୁ ୩ମାସ ପାଇଁ ଏଥିରୁ ଛାଡ କରିଛନ୍ତି । ଚୀନ ମଧ୍ୟ ଆମେରିକାକୁ ନିୟନ୍ତ୍ରଣ କରିବାକୁ ଦକ୍ଷିଣ ଆଫ୍ରିକା, ଦକ୍ଷିଣ ଆମେରିକା, ୟୁରୋପ ଏବଂ ଏସିଆରେ ବାଣିଜ୍ୟର ଜାଲ ବିଛାଇ ସାରିଛି । ପ୍ରତିରକ୍ଷା କ୍ଷେତ୍ରରେ ନିଜସ୍ୱ ଉତ୍ପାଦନ, ଟେକ୍‌ନୋଲୋଜୀ କ୍ଷେତ୍ରରେ ଗୁଗଲର ବିକଳ୍ପ ସୃଷ୍ଟି କରି ଆମେରିକାକୁ ନିଜ ନେଟୱାର୍କରୁ ବାହାରେ ରଖିବାକୁ ସକ୍ଷମ ହୋଇଛି ।

ୟୁରୋପର ନାଟୋ ମେ ଭୁକ୍ତ ରାଷ୍ଟ୍ର ସମୂହର ନେତୃବୃନ୍ଦଙ୍କୁ ହ୍ୱାଇଟ୍ ହାଉସରେ ଯେପରି ଟ୍ରମ୍ପ ବ୍ୟବହାର କଲେ ତାହା ତାଙ୍କର ଅହଙ୍କାରକୁ ଦର୍ଶାଉଛି । ପରିଣାମସ୍ୱରୂପ ଆଗାମୀ ଦିନରେ ୟୁରୋପୀୟ ରାଷ୍ଟ୍ରଗୁଡିକ ଟ୍ରମ୍ପଙ୍କଠାରୁ ଏବଂ ନାଟୋଠାରୁ ଦୂରେଇଯିବେ ବୋଲି ସୂଚନା ମଧ୍ୟ ମିଳିଲାଣି । ବ୍ରିଟେନ ଏବଂ ଫ୍ରାନ୍ସ ନିଜ ନିଜର ସ୍ଥିତିକୁ ସୁଦୃଢ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି । ସେମିତି ଆମେରିକା କ୍ୱାଡ ଗୋଷ୍ଠୀ ନାମରେ ଭାରତ, ଅଷ୍ଟ୍ରେଲିଆ ଓ ଜାପାନକୁ ନିଜ ସହ ନେଇ କାର୍ଯ୍ୟ କରିବାକୁ ଘୋଷଣା କରିଥିଲେ ମଧ୍ୟ ପରବ ୀ ସମୟରେ ଏବଂ ଗତ ପା ବର୍ଷ ମଧ୍ୟରେ ସେଭଳି କିଛି କାର୍ଯ୍ୟ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ କରିପାରିନାହିଁ । ଯେଉଁଥି ପାଇଁ ଅଷ୍ଟ୍ରେଲିଆ କ୍ୱାଡର ସଦସ୍ୟ ଥାଇ ମଧ୍ୟ ଚୀନ ସହ ସଂପର୍କକୁ ସୁଦୃଢ କରିଛି । କ୍ୱାଡ୍ ସମେତ ଲେମୋଆ ପରି ବୁଝାମଣା ମାଧ୍ୟମରେ ଭାରତକୁ ନିଜ ପକ୍ଷକୁ ନେଇ ଚୀନ ବିରୋଧରେ ହାତ ବାରିସୀ କରି ବ୍ୟବହାର କରିବାକୁ ଆମେରିକା ଯେଉଁ ଯୋଜନା କରିଥିଲା ଭାରତ ତାକୁ ବିଫଳ କରିଦେଇଛି । ସେମିତି ପ୍ରତିରକ୍ଷା ସାମଗ୍ରୀ ଯୋଗାଣ ମାଧ୍ୟମରେ ରୁଷିଆ- ଭାରତର ସଂପର୍କକୁ ଦୁର୍ବଳ କରିବାକୁ ଆମେରିକା ଯୋଜନା କରି ମଧ୍ୟ ସଫଳ ହୋଇପାରିନାହିଁ । ଏପରିକି ଭାରତ ଉପରେ ଆମେରିକା କଟକଣା ଅଧିକ ଜାରିକଲେ ରୁଷିଆ ଅଧିକ ଚିନ୍ତିତ ହେବ ବୋଲି ମନେ କରିଥିବା ଟ୍ରମ୍ପ ପ୍ରଶାସନ ନିଜ ଚାଲରେ ମଧ୍ୟ ସଫଳ ହୋଇନାହିଁ । ଆଲାସ୍କାରେ ରୁଷିଆର ରାଷ୍ଟ୍ରପତି ପୁଟିନଙ୍କ ସହ ଆଲୋଚନା ବେଳେ ଟ୍ରମ୍ପ ଜବରଦସ୍ତ ଧକ୍‌କା ପାଇଛନ୍ତି । କାରଣ ରୁଷିଆଠାରୁ ତେଲ କିଣା ବନ୍ଦ କରିବା ବଦଳରେ ଭାରତ ରେକର୍ଡ ପରିମାଣର ତୈଳ ଆମଦାନୀ କରିଛି । ଚୀନ ସହ ଆଲୋଚନା କରି ତୈଳ ବିକ୍ରୀ ମଧ୍ୟ କରିଛି । ଭାରତକୁ ଆମେରିକାଠାରୁ ମିଳୁଥିବା ମୂଲ୍ୟବାନ ଧାତୁ ଓ ଖଣିଜସଂପଦର ଯୋଗାଣ ଅଭାବରେ ଚୀନଠାରୁ ଭାରତ ଏସବୁ କ୍ରୟ କରିବାକୁ ଆଲୋଚନା ଆରମ୍ଭ କରିଛି । ରୁଷିଆ ମଧ୍ୟ ଆଲାସ୍କା ଆଲୋଚନା ପରେ କେବଳ ଭାରତ ପାଇଁ ବ୍ୟାରେଲ୍ ତୈଳ ପିଛା ୫ପ୍ରତିଶତ ଅଧିକ ରିହାତି ଦେବାକୁ ଘୋଷଣା କରିଛି । ଭାରତୀୟ ବସ୍ତୁଗୁଡିକର ରୁଷିଆରେ ପ୍ରବେଶପାଇଁ କୌଣସି କଟକଣା ରହିବ ନାହିଁ ବୋଲି ପ୍ରକାଶ କରିଛି । ଭାରତ ସରକାର ଚୀନ ସରକାରଙ୍କ ସହ ନିଜ ସୀମା ଆଲୋଚନା ମଧ୍ୟ ଆରମ୍ଭ କରିଛନ୍ତି । ଏହାଦ୍ୱାରା ଭାରତ-ଚୀନ ଲଢେଇରୁ ଯେଉଁ ଲାଭ ଆମେରିକା ପାଇବାକୁ ଲକ୍ଷ୍ୟ ରଖିଥିଲା ତାହା ଫସର ଫାଟି ଯାଇଛି । ରୁଷିଆ ମଧ୍ୟ ଭାରତୀୟ ମୁଦ୍ରାରେ ସମସ୍ତ ବ୍ୟବସାୟ କରିବାକୁ କହିବା ପରେ ଭାରତୀୟ ବଜାରରେ ଉତ୍ସାହ ଦେଖାଦେଇଛି । ଆମେରିକାର କଟକଣାକୁ ସାମ୍ନା କରିବାକୁ ୧୫ ଅଗଷ୍ଟ ଭାଷଣରେ ପ୍ରଧାନମନ୍ତ୍ରୀ ମୋଦି ଖୋଲାଖୋଲି ଘୋଷଣା କରି କୌଣସି ବାହ୍ୟ ରାଷ୍ଟ୍ରର ଚାପ ଆଗରେ ଭାରତ ମଥାନତ କରିବ ନାହିଁ କିମ୍ବା ଚାଷୀ, ମତ୍ସଜୀବୀ ଏବଂ ଗୋପାଳକଙ୍କର କ୍ଷତି ହେବାକୁ ଦେବନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଏହା ସହିତ ଭାରତ ନିଜସ୍ୱ ସୁରକ୍ଷା ପାଇଁ ସୁଦର୍ଶନଚକ୍ର ବ୍ୟବସ୍ଥା ନିର୍ମାଣ କରିବାକୁ ସେ ଘୋଷଣା କରିଛନ୍ତି । ଏହା ପୂର୍ବରୁ ଏସ୍ -୪୦୦କୁ ସୁଦର୍ଶନ ଚକ୍ର କୁହାଯାଉଥିଲା ବେଳେ ଏବେ ଏହା ସହ ଅନ୍ୟାନ୍ୟ ବ୍ୟବସ୍ଥା ସାମିଲ ହେବ ବୋଲି କୁହାଯାଉଛି । ରୁଷିଆର ଉପ ରାଷ୍ଟ୍ରଦୂତ ବାବୁସ୍କିନ୍ ନୂଆଦିଲ୍ଲୀରେ ଭାରତର ସୁଦର୍ଶନଚକ୍ର ବ୍ୟବସ୍ଥାରେ ଏସ୍ ୪୦୦ ସ୍ଥାନ ପାଇବାକୁ ପ୍ରଶଂସା କରିଛନ୍ତି । ଏସ୍-୪୦୦ର ସଫଳତା ଅପରେସନ ସିନ୍ଦୂରରେ ଦେଖିବା ପରେ ଭାରତ ଏବେ ଏସ୍-୫୦୦ କିଣିବାକୁ ଆଗ୍ରହ ଦେଖାଇଛି । ଯେଉଁଥିପାଇଁ ରୁଷିଆ ଏହାର ଉତ୍ପାଦନ ମିଳିତ ଭାବେ ଭାରତରେ କରାଯିବାକୁ ପ୍ରସ୍ତାବ ଦେଇଛି । ତାହା ହେଲେ ଯୁଦ୍ଧ ଯୋଗୁ ଯେଉଁ ଯୋଗାଣ ଏବଂ ଉତ୍ପାଦନ ପାଇଁ ବିଳମ୍ବ ହେଉଛି ତାହା ହେବନାହିଁ ବୋଲି କୁହାଯାଉଛି । ଏହା ଶୁଣିବା ପରେ ଟ୍ରମ୍ପଙ୍କ ମୁଣ୍ଡରେ ପି ଚଢିଯାଇଛି । ଭାରତକୁ ପ୍ରତିରକ୍ଷା କ୍ଷେତ୍ରରେ ରୁଷିଆ ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ କହୁଥିବା ଆମେରିକା ଏବେ ଶୁଳ୍କ କଟକଣା ପରେ ଭାରତକୁ ପୂର୍ଣ୍ଣମାତ୍ରାରେ ରୁଷିଆ ପଟକୁ ଠେଲି ଦେଇଥିବା କଥା ଆମେରିକାର ଅର୍ଥନୀତିଜ୍ଞମାନେ କହୁଛନ୍ତି । ଏପରିକି ବିଶ୍ୱ ମୁଦ୍ରା କୋଷର ସୂଚନାନୁଯାୟୀ ଆଗାମୀ ଦିନରେ ଭାରତର ବୃଦ୍ଧିହାର ଅଧିକ ରହିବା ସମ୍ଭାବନା ଯୋଗୁ ଅଧିକ ପୁଞ୍ଜିନିବେଶ କରିବାକୁ ସଂସ୍ଥା ଆହ୍ୱାନ ଦେଉଛି । ଅଥଚ ଆମେରିକା ଲୋକେ ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ହେତୁ ରାଷ୍ଟ୍ରପତି ଟ୍ରମ୍ପ ସେନା ମୁତୟନ କରିବା ସହ ଜରୁରୀ ପରିସ୍ଥିତି ଘୋଷଣା କରିଛନ୍ତି ।

ଭାରତ-ଆମେରିକା ମୁକ୍ତ ବାଣିଜ୍ୟ ବୁଝାମଣାକୁ ମୋଦି ଗୁରୁତ୍ୱ ନଦେଇ ବିକଳ୍ପ ରପ୍ତାନୀ ମାର୍ଗ ଖୋଜିବାକୁ ନୀତି ଆୟୋଗର ପୂର୍ବତନ-ଉପାଧ୍ୟକ୍ଷ ରାଜୀବ କୁମାର ସରକାରଙ୍କୁ ଉପଦେଶ ଦେଇଛନ୍ତି । ସେ କହିଛନ୍ତି ଯେ ଭାରତ ଏବେ ରପ୍ତାନୀ ପାଇଁ ବିକଳ୍ପ ରାଷ୍ଟ୍ରକୁ ବାଛିବା ସହ ନିଜର ଦକ୍ଷତା ବୃଦ୍ଧି କରିବା ଆବଶ୍ୟକ । ଭାରତ ଏବେ ୟୁରୋପ, ବ୍ରିଟେନ ଏବଂ ଚୀନକୁ ବିକଳ୍ପ ବଜାର ଭାବେ ଗ୍ରହଣ କରିବା ଉଚିତ୍ । କାରଣ ଆମେରିକାର ମୋଟ ରପ୍ତାନୀର ମାତ୍ର ଦୁଇ ପ୍ରତିଶତ ଭାରତ ସହ କାରବାର ହୋଇଥାଏ । ସେହି ୩୦ରୁ ୪୦ ବିଲିଅନ ଡଲାର ମୂଲ୍ୟର ସାମଗ୍ରୀକୁ ଅନ୍ୟରାଷ୍ଟ୍ରକୁ ରପ୍ତାନୀ କରାଯିବା ଦରକାର । ସେହିପରି ଆମେରିକାର ବରିଷ୍ଠ ସିନେଟ ସଦସ୍ୟ ଲିଣ୍ଡସେ ଗ୍ରାହାମ ଫକ୍ସ ନିଉଜକୁ ଏକ ସାକ୍ଷାତକାର ପ୍ରଦାନ କରି କହିଛନ୍ତି ଯେ ଆମେରିକା ଭାରତ ଉପରେ ଚାପ ପ୍ରୟୋଗ କରିବା ଯୋଗୁ ଭାରତ-ଚୀନ ଆଲୋଚନା ବଢିଛି । ଏକଥା ସତ ଯେ ଆଗାମୀ ଦିନରେ କ୍ୱାଡ ଗୋଷ୍ଠୀରେ ଭାରତ ରହି ଆମେରିକାକୁ ଭରସା କରିବା ସମ୍ଭବ ହେବ ନାହିଁ । ତେଣୁ ଜ୍ୟାକ୍ ହ୍ୱାଇଟଙ୍କ୍ ପରି କଳାକାର ଟ୍ରମ୍ପଙ୍କୁ ସମଗ୍ର ବିଶ୍ୱପାଇଁ ବିପଦ ବୋଲି କହି ସମାଲୋଚନା କରିଛନ୍ତି ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଲୋକମୁଖରେ ପ୍ରଶଂସିତ 'ଲୋକଙ୍କ ମୋହନ'



**ହୃଶିକେଷ ପୁହାଣ**

ବିଜେଡ଼ି ଦୁର୍ଗକୁ ଧରାଶାୟୀ କରି ନବୀନ ବାବୁଙ୍କ ପରି ପୋଖତ୍ ରାଜନୀତିର ଚତୁର ଚାଣକ୍ୟକୁ ବାଜିମାତ କରିଥିଲା ଓଡ଼ିଶାର ଡ଼ବଲ ଇଞ୍ଜିନ ସରକାରର ନେତୃତ୍ୱ 'ବିଜେପି ସରକାର' । କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଶାସନ ଓ ଲୋକଙ୍କ ପାଖରେ ଉତ୍ତରଦାୟିତ୍ୱ ଭୂମିକା ଓଡ଼ିଶା ବିଜେପିକୁ ଶାସନର ସ୍ୱାଦ ଚଖାଇଛି । ଗୋଟିଏ ବର୍ଷର ସଫଳତାର ଟ୍ରାକ ରେକର୍ଡ଼ରେ ଆଜି ଓଡ଼ିଶାର ମୋହନ ସରକାର ଓଡ଼ିଶାର ସବୁଠି, ଘରେ ଘରେ ଲୋକ ପ୍ରଗତିର ବ୍ୟାପକତା ଦେଖୁଛନ୍ତି । ମାତ୍ର ଗୋଟିଏ ବର୍ଷ ଭିତରେ ଓଡ଼ିଶାର ଅଭିବୃଦ୍ଧି ଓ ବିକାଶ ଯଥେଷ୍ଟ ଆଗୁଆ । ରାଜନୀତିରେ ମୋହନ ବାବୁ ଆଦୌ ନୂଆ ନୁହଁନ୍ତି । ସରଳ, ନିଷ୍କପଟ ଓ ରାଜ୍ୟବାସୀଙ୍କ ସେବାରେ ଆପ୍ରାଣ ଦାୟିତ୍ୱ ନିର୍ବାହ କରୁଥିବା ମୋହନ ଚରଣ ମାଝୀ ନିକଟରେ ଅସୁସ୍ଥ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ତାଙ୍କ ଘରେ ସାକ୍ଷାତ କରି କେବଳ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିନଥିଲେ ବରଂ ରାଜନୀତିରେ ସେ ଯେଉଁପରି ସମ୍ମାନ ସୌଜନ୍ୟ ଓ ବିନମ୍ରତା ପ୍ରଦର୍ଶନ କରିଛନ୍ତି ତାହା ନିଶ୍ଚିନ୍ତ ଭାବେ ସ୍ମରଣୀୟ ଓ ଓଡ଼ିଶା ରାଜନୀତି ପାଇଁ ଉଲ୍ଲେଖନୀୟ ମଧ୍ୟ । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀରେ ସାକ୍ଷାତ କରିବା ସମୟରେ ନବୀନ ବାବୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ । ରାଜନୀତି ଏପରି ଏକ କ୍ଷେତ୍ର ଏଠି ଉତ୍ଥାନ ଅଛି ପତନ ମଧ୍ୟ ଅଛି । ପରସ୍ପର ଆଲୋଚନା ହୁଏ ସମାଲୋଚନା ବି ହୁଏ । ତେବେ ରାଜନୀତିରେ ଅନେକ ସମୟରେ କେବଳ କାଦୁଅ ଫିଙ୍ଗା ହୋଇନଥାଏ ବରଂ ଅପ୍ରାସଙ୍ଗିକ ଭାବେ ନେତା ଶାଳୀନତା ଭୁଲି ଅନ୍ୟ ନେତାଙ୍କୁ ଅଶାଳୀନ ଓ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥାନ୍ତି । କିନ୍ତୁ ଓଡ଼ିଶାରେ ଡବଲ ଇଞ୍ଜିନ ସରକାରର ନେତୃତ୍ୱ ନେଉଥିବା ଲୋକପ୍ରିୟ ସରକାରର ସ୍ୱଚ୍ଛ ଓ ସରଳ ଚେହେରା ମୋହନ ଚରଣ ମାଝୀ ରାଜନୀତିରେ ଯେଉଁପରି ସମ୍ମାନ ଓ ସୌଜନ୍ୟ ପ୍ରଦର୍ଶନ କଲେ ତାହା ଓଡ଼ିଶାର ରାଜନୀତିକୁ କାଳ କାଳ ପାଇଁ ରହିଯିବ । ଏହା ପୂର୍ବରୁ କୌଣସି ବିରୋଧୀ ଦଳ ନେତାଙ୍କୁ ହସ୍ପିଟାଲରୁ ଫେରିବା ପରେ ତୁରନ୍ତ କୌଣସି ଶାସନ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ସୌଜନ୍ୟ ସାକ୍ଷାତ କରିବାର ନଜିର କ୍ୱଚିତ ରହିଛି । ଓଡ଼ିଶାର ବିକାଶରେ ସମସ୍ତଙ୍କର ଗୁଣ୍ଡୁଚି ମୂଷାପରି ଯୋଗଦାନ ରହିଛି । ଓଡ଼ିଶା ଆଜି ବିକାଶ ଓ ଅଭିବୃଦ୍ଧି କ୍ଷେତ୍ରରେ ପ୍ରଗତିର ନୂଆ ଶିଖରରେ ପହଞ୍ଚିଛି । ମୋହନ ଚରଣ ମାଝୀଙ୍କ ଲୋକଙ୍କ ସରକାର ଆଜି ଓଡ଼ିଶାବାସୀଙ୍କ ସୁଖଦୁଃଖରେ ଭାଗୀଦାର ହୋଇ ବାସ୍ତବରେ ଡବଲ ଇଞ୍ଜିନର ପ୍ରଗତିକୁ ତ୍ୱରାନ୍ୱିତ କରୁଛି । ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ବିରୋଧୀ ଦଳର ଯଥେଷ୍ଟ ଗୁରୁତ୍ୱ ରହିଛି ଏବଂ ସଂସଦୀୟ ବିଧି ବ୍ୟବସ୍ଥାରେ ବିରୋଧୀ ଦଳର ମର୍ଯ୍ୟାଦା ମଧ୍ୟ ଅନନ୍ୟ ଓ ସ୍ୱତନ୍ତ୍ର । ଓଡ଼ିଶାରେ ବିଜେପି ସରକାରର ମୁଖ୍ୟ ତଥା ଓଡ଼ିଶା ବିଜେପିର ବଡ଼ ଚେହେରା ମୋହନ ଚରଣ ମାଝୀ ରାଜନୀତିରେ ଯେଉଁ ସୌଜନ୍ୟ ସମ୍ମାନ ପ୍ରଦର୍ଶନ କରିଛନ୍ତି ଓଡ଼ିଶାବାସୀ ମୋହନ ଚରଣ ମାଝୀଙ୍କ ଏହି ସରଳତା ପାଇଁ ଉଚ୍ଚ ପ୍ରଶଂସା କରୁଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ବିରୋଧୀ ଦଳ ନେତା ନବୀନ ବାବୁଙ୍କୁ ସୁସ୍ଥ ଓ ଆରୋଗ୍ୟ ପ୍ରଦାନ କରନ୍ତୁ, ମହାପ୍ରଭୁ ଓଡ଼ିଶାର ବିକାଶ ଓ ଅଭିବୃଦ୍ଧି ପାଇଁ କୃପା ପ୍ରଦାନ କରୁଥାଆନ୍ତୁ ଏହା ହିଁ କାମନା ।

*ଥାଇଲୋ, ଅଲିକଣ୍ଡା, ବାଲିକୁଦା,*
*ଜଗତସିଂହପୁର-୭୫୪୧୦୮,*
*ଦୂରଭାଷ : ୭୦୦୮୪୩୮୯୫୯*

# ହରିକୈବଲ୍ୟ ଲୋଲୁପିଣୀ ମା ବିମଳା



**ଶ୍ରୀ ହରିଗୁରୁ ଆଶ୍ରିତ ଅତୀଶ**

ଶାରଳା ଦାସଙ୍କ ଓଡ଼ିଆ ମହାଭାରତ ଦ୍ରୋଣ ପର୍ବରେ କଥିତ ଅଛି ଯେ ସତ୍ୟଯୁଗରେ କୃପାଜଳ ନାମକ ଜଣେ ପ୍ରଖ୍ୟାତ ଋଷି ଥିଲେ ସେ ଏକ ଦିବ୍ୟ କନ୍ୟା ପାଇଁ ଅଗ୍ନିଙ୍କ ଉପାସନା କଲାରୁ ଏକ ଦିବ୍ୟ କନ୍ୟା ପ୍ରାପ୍ତ ହେଲେ । ଦିନକୁ ଦିନ ସେ ରୂପ ଲାବଣ୍ୟରେ ପରିପୂର୍ଣ୍ଣ ହୁଏ ଓ ବଢ଼େ ନବଯୁବା ରୂପେ ସମସ୍ତଙ୍କ ମନ ମୋହି ନିଏ । ସେବା ଓ ଆଶ୍ରମ ରକ୍ଷା ସବୁ କରେ ମାତ୍ର 'ପୁଷ୍ପବତୀ' ହୁଏନାହିଁ । ପିତା କୃପାଜଳ ଋଷି ଚିନ୍ତିତ ହୁଅନ୍ତି ପୁଷ୍ପବତୀ ହେଲେ ବିବାହ ଯୋଗ୍ୟ ହେବ ହେଲେ କନ୍ୟା ସେହିପରି ରହିଲା । ଋଷି ବାର ହଜାର ବର୍ଷ ତପସ୍ୟା କଲେ ତଥାପି କନ୍ୟା ରଜଶୂନ୍ୟ ହେଲା । ତପସ୍ୟା ପରେ ଯେତେବେଳେ ଦେଖିଲେ କନ୍ୟା କୁମାରୀ ଅବସ୍ଥାରେ ରହିଛି ସେହିପରି । ଦିନେ ପିତା କହିଲେ ମା ଲୋ ଏତେ ଦିନ ପର୍ଯ୍ୟନ୍ତ ତୁ ରଜୋବତୀ ହେଲୁନାହିଁ, ଏହିପରି କେତେଦିନ ବିଜରା ହୋଇ ରହିବୁ ? ତୁ ତ 'ବିରାଜା' ତୋତେ କାହା ହାତରେ ଦେବି । କେତେ କାଳ ତୁ ଏହିପରି ରହିବୁ ? ତୁ କିଏ ମୁଁ ମଧ୍ୟ ତୋତେ ଜାଣିପାରୁ ନାହିଁ ତୁ ଅରାଜ, ବିରାଜ, ଅଜା ହୋଇ ରହିଛୁ । ବାପାଙ୍କର ଏ ଦୁଃଖ ଓ ବିଷାଦ ଦେଖି ଦେବୀ କହିଲେ, ମୁଁ ସେହି ସତ୍ୟସନାତନି ସର୍ବରୂପା ଦୁର୍ଗା ଭଗବତୀ । ମୋର ଇଛା ହେଲେ ମୁଁ ବିରଜା, ବା ବିମଳା ହେବି । ଏହା କହି ନିଜର ସ୍ୱରୂପ ପରିଚୟ ଦେବାପରେ କୃପାଜଳ ଋଷି ବିରଜା ରୂପେ ପୂଜା କରିଥିଲେ । ସେ ହେଉଛନ୍ତି କୁମାରୀ ଷୋଡ଼ଶୀ । ତାପରେ ସେ ଦେବୀ ପୁଷ୍ପବତୀ ହେବା ପରେ ସେ ହେଲେ ବିମଳା । କନ୍ୟା ଦେହରୁ ରଜ କ୍ଷରିତ ହେଲା ପରେ କନ୍ୟା ସୁଦ୍ଧ ହୁଏ ସେହିପରି ବିମଳା ଶୁଦ୍ଧ । କରୁଣାମୟୀ ସନାତନି ମାତା ଅଟନ୍ତି । ଏହି କନ୍ୟା ବିରାଜାରୁ ବିମଳା ହେବାପରେ ତାଙ୍କୁ ଜଗନ୍ନାଥଙ୍କୁ ସମର୍ପଣ କଲେ ବଡ଼ ବିଚିତ୍ର ପ୍ରଭୁ ଜଗନ୍ନାଥ ହେଉଛନ୍ତି ଭୈରବ ଓ ମା ବିମଳା ହେଉଛନ୍ତି ଭୈରବୀ ଯାହାକି ଶ୍ରୀକ୍ଷେତ୍ର ଛାଡ଼ ଅନ୍ୟ କୌଣସି ଧାମରେ ଏହିପରି ନାହିଁ । ମା ସ୍ୱରୂପ ହେଲା ସେ ଚତୁର୍ଭୁଜା, ଦକ୍ଷିଣ ଭାଗ ଉର୍ଦ୍ଧହସ୍ତରେ କାଳପାଶ (ନାଗ) ଦକ୍ଷିଣଭାଗସ୍ଥ ତଳ ହସ୍ତରେ ଅକ୍ଷମାଳା, ବାମ ଉର୍ଦ୍ଧହସ୍ତରେ ଏକ ନରକଙ୍କାଳ, ବାମ ଭାଗ ତଳ ହାତରେ ଏକ ଅମୃତ କଳସ ଧରିଛନ୍ତି ସହସ୍ରଦଳ ପଦ୍ମ ଉପରେ ବିରାଜିତ ମା ବିମଳା । ମାଙ୍କୁ ପ୍ରଥମେ ମହାପ୍ରସାଦ ସମର୍ପଣ କରିବା ପଛରେ ଏକ ବଡ଼ କଥା ରହିଛି । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅବତାରରେ ନାରଦ ମୁନି ପ୍ରଭୁଙ୍କର ପ୍ରସାଦ ସେବନ କରି ଆନନ୍ଦ ମନରେ ବୀଣା ବାଦନ କରି ଯାଉଥିବା ସମୟରେ କୈଳାସ ପର୍ବତରେ ଯାଇ ଭୂତଭାବନ ସଦାଶିବଙ୍କୁ ଦର୍ଶନ କଲେ ଓ ଶ୍ରୀକୃଷ୍ଣ କିପରି ତାଙ୍କୁ ନିଜ ଅଧରାମୃତ ପ୍ରଦାନ କଲେ ଓ ମହାପ୍ରସାଦ ମହିମା ବର୍ଣ୍ଣନା କଲେ ପରବୈଷ୍ଣବ ସଦାଶିବଙ୍କ ଆଗରେ ପ୍ରଭୁ ଶଙ୍କର ମହାପ୍ରସାଦ ମହିମା ଶ୍ରବଣ କରି କିପରି ପ୍ରଭୁଙ୍କ ପ୍ରସାଦ ପାଇବେ ବ୍ୟାକୁଳ ହେଲେ ଏହି ସମୟରେ ମାତା ପାର୍ବତୀ ପାଖରେ ବସିଥିଲେ ମହାପ୍ରସାଦ ମହିମା ସେବି ଶ୍ରବଣ କରୁଥିଲେ । ଏହି ସମୟରେ ପ୍ରଭୁ ସଦାଶିବଙ୍କର ଆଖି ନାରଦଙ୍କ ଓଠ ତଳେ ଲାଗିଥିବା ଏକ ଅନ୍ନ କଣିକା ଉପରେ ପଡ଼ିଲା ପ୍ରଭୁ ଜାଣିଲେ ମହାପ୍ରସାଦ କଣିକା ନାରଦଙ୍କ ଓଠ ତଳେ ଲାଗିଛି ତେଣୁ ଆଗପଛ ବିଚାର ନକରି ସେ ନିର୍ମାଲ୍ୟ କଣିକାକୁ ସେବନ କରିଦେଲେ । ମାତା ପାର୍ବତୀ ଏହାଦେଖି ସଦାଶିବଙ୍କ ଠାରେ ଅଭିମାନ କରି କହିଲେ ପ୍ରଭୁ ମତେ ଟିକେ କୈବଲ୍ୟ କଣିକା ଦେଲେ ନାହିଁ ଏକ ଭୁଞ୍ଜିଲେ । ମା ଅଭିମାନ କରି ମନଦୁଃଖରେ ବସିଲେ ଏହି ସମୟରେ ଅନ୍ତରୀକ୍ଷ ବାଣୀ ହେଲା ଦେବୀ ଆପଣ ଚିନ୍ତା କରନ୍ତୁ ନାହିଁ ଆପଣ ମୋର ମର୍ତ୍ତ୍ୟ ବୈକୁଣ୍ଠ ଶ୍ରୀକ୍ଷେତ୍ର ଧାମରେ ଜଗତଜନନୀ ବିମଳା ନାମରେ ପୂଜା ପାଇବେ ଓ ମୋର ଠାରେ ତନ୍ତ୍ର ମତରେ ମହାଭୈରବୀ ଚକ୍ରରେ ନୈବେଦ୍ୟ ଅର୍ପଣ ହେବ ତାହା ଶେଷରେ ତୁମ ଠାରେ ଆଗେ ସମର୍ପଣ ହେବ ତୁମେ ମୋର ଅଧରାମୃତ ପ୍ରସାଦ ପାଇସାରିଲା ପରେ ସେ ମହାପ୍ରସାଦ ନାମରେ ଆଚାଣ୍ଡାଳ ବ୍ରାହ୍ମଣ ପାଇ ମୋକ୍ଷ ଲାଭ କରିବେ ଏହା ଅସ୍ତୁ । ବଡ଼ ବାଡ଼ର ମଣିମା ମହାପ୍ରଭୁ ଶ୍ରୀବଳଭଦ୍ରଙ୍କ ନାକୁଆସି ବିଡ଼ିଆ ମା'ଙ୍କୁ ସବୁଦିନ ସନ୍ଧ୍ୟା ସମୟରେ ଲାଗିହୁଏ କେବଳ ମୂଳାଷ୍ଟମୀ ଠାରୁ ଦଶହରା ଯାଏ ପ୍ରଭୁଙ୍କ ବିଡ଼ିଆ ମା'ଙ୍କୁ ସମର୍ପଣ ହୁଏନାହିଁ । ମା'ଅଗ୍ନିମଣ୍ଡଳ ବାସିନୀ ପରମ କରୁଣାମୟୀ ମା ସଦା ହରି କୈବଲ୍ୟ ଲୋଲୁପିଣୀ ତେଣୁ ମାଆଙ୍କୁ ଦର୍ଶନ କରି ମନୁଷ୍ୟ ମୋକ୍ଷର ଭଗୀ ହୋଇଥାଏ । ଜୟ ଜୟ ଜଗନ୍ନାଥ ।

*ଦୂରଭାଷ : ୬୩୭୧୫୮୦୫୨୪*

# ଝିଅଟିର ନାଁ ଶବରୀ



**ଅନୀତା ପଟ୍ଟନାୟକ**

ଶବରୀ ନାନୀର ଆମ ଘରେ ଭାରି ପ୍ରଭାବ । କୋରାପୁଟର କଲମପୁରର ନିପଟ ମଫସଲି ଗାଉଁଲି ଘରେ ତାର ଜନ୍ମ ହୋଇଥିଲା ବୋଲି ବାପା କହୁଥିଲେ । ଘର ଭିତରେ ମୁଣ୍ଡରେ ଓଢ଼ଣା ଦେଇ କସ୍ତା ଧଳା ଶାଢ଼ୀଟିଏ ପିନ୍ଧି ଘରର ସବୁ କାମ କରେ । ସେ ଘରୁ ବାହାରକୁ ପାଦ ଦିଏ ନାହିଁ । ବଜାରରେ କେବେ କିଣାବିକା କରେ ନାହିଁ । ବାପା କହନ୍ତି ସେ ଆଦିବାସୀ ଅଧ୍ୟୁଷିତ କୋରାପୁଟର ଜଙ୍ଗଲରେ ଝିଅଟିଏ । ଏଣେ ତେଣେ ବୁଲୁଥିବା ବେଳେ ତାକୁ ନେଇ ଆସି ତାର ନାଁ ଦେଇଥିଲେ ଶବରୀ । ଆମ ଘରକୁ ବିଭିନ୍ନ ପ୍ରକାର ଖବର କାଗଜ ଆସେ । ଶବରୀ ସେ ସବୁ ଖବର କାଗଜ ନାଁ 'ସମାଜ' ବୋଲି ଜାଣିଥିଲା । ବୋଉ ବାପା ବିଭିନ୍ନ ସମ୍ବାଦପତ୍ରର ନାଁ ଧରି ତାକୁ ଆଣିବାକୁ କହିଲେ ସେ କୌଣସି ଗୋଟିଏ ଖବରକାଗଜକୁ ଆଣି 'ସମାଜ' ଆଣିଚି କହି ଦେଇ ଦିଏ । ବାପା ହସି ଦେଲେ କେଣେ ହସୁଚ ବୋଲି କୁହେ । ମୁଁ ବାଧ ହୋଇ ଖବର କାଗଜଟିକୁ ରଖିଦେଇ 'ଟାଇମ୍ସ ଅଫ ଇଣ୍ଡିଆ' ଓ ଅନ୍ୟାନ୍ୟ କାଗଜ ଆଣି ଦିଏ । ସବୁବେଳେ କୁହେ 'ମୁଇଁ ପାଠ ପଢ଼ିଛି କି ?' ଶବରୀ ଜାଣିବାରେ ଖବରକାଗଜ ଗୁଡ଼ିକ ଘରର ଅଦରକାରୀ ଜିନିଷ ସେଗୁଡ଼ିକ ମାସ ଶେଷରେ ବିକ୍ରି ହେଲେ ଯାହା କିଛି ରେଜା ପଇସା ମିଳୁଥିଲା ବାପାଙ୍କ କହବା ମୁତାବକ ମା'ତାକୁ ବିକ୍ରି କରି ଶବରୀକୁ ଦେଇ ଦେଇଥିଲା । ଅଙ୍କ ଜାଣିନଥିବା ଦେଢ଼ ଟଙ୍କା ଓ ଅଢ଼େଇ ଟଙ୍କା ମଧ୍ୟରେ ପାର୍ଥକ୍ୟ ଜାଣି ନଥିବା ଶବରୀ ବାପା ଅଫିସରୁ ଫେରିଲେ ବାପାଙ୍କୁ କହେ 'ମା ମକେ ଦେଢ଼ଟଙ୍କା ଦେଇଚେ, ମୁଁ ମୋର ଖୁଟ ତଳେ ରଖିଚେ ।' ବାପା, ମାଆ ଅନାଅନି ହୋଇ ହସି ଦିଅନ୍ତି ।

ଆମ ଘରେ ସ୍ଥିର ହେଲା ଶ୍ରୀକ୍ଷେତ୍ରକୁ ଯିବା ପାଇଁ । ସେ ଜଗନ୍ନାଥଙ୍କୁ ପୂଜା କରେ । ସେ ଘରେ ଫୁଟିଥିବା ମନ୍ଦାରଫୁଲ ତାଙ୍କ ମୁଣ୍ଡରେ ଦିଏ । ସବୁବେଳେ କୁହେ 'ମୁଇଁ ପିଲା ଦିନେ ଯାକୁ ଦେଖିଲେ ଭାରି ଭଲଟା ମୁଁ ଡାକେ ପୂଜା କରେ ସେ ମୋର କଥା ଶୁନେ । ସେ ମତେ ବାବୁଲେ ଦେଖାଇଲା । ବାବୁ ମତେ ଘିଚିଂ କରି ନେଇଆସିଲା ।' ଆମଘରେ ପୁରୀକୁ ଯିବା ପାଇଁ କଥାବର୍ତ୍ତା ହେଉଥିବା ସମୟରେ ବାପା- ସମସ୍ତଙ୍କୁ ଶୀଘ୍ର ଶୀଘ୍ର ବାହାରିବା ପାଇଁ କହିଲେ । ଶବରୀ ଆଡ଼କୁ ଅନାଇ କହିଲେ ସବୁ କାମ ସାରି ଶୀଘ୍ର ବାହାରିବୁ । ତାର ଭାଷାରେ କହିଲେ ତୋର ଦିଅଁ କେ ଦେଖବୁ । ମା' ଚାହୁଁ ନଥିଲେ ଶବରୀ ଯାଉ ସ ସେ ଘର ଜଗି କି ରହୁ । ସେ ଘରର ଗୋଟିଏ ବିଶ୍ୱସ୍ତ ଜୀବ କହିଲେ ଚଳେ । ମୋର ବାପା ମା' ପାଇଁ ଗୋଟିଏ ଷ୍ଟିଲ ଆଲମିରା ଆଣିଥିଲେ । ସେ ଥିଲେ ଗୋଟିଏ ଗୋଲିଆ ଟିଣରେ ଗୋଦରେଜ' ଲେଖାଯାଇଥିଲା । ଘରେ ସମସ୍ତେ ଗଜରେଜ କହୁ କହୁ ସେ ଶବ୍ଦଟା ଶବରୀ ଜାଣିଲା । ଦିନେ ବାପାଙ୍କୁ କହିଲା 'ମୋର ଟିଣ ବାକ୍ସରେ ମୋର ଲୁଗା ରଖି ନାହିଁ ମୋର ଗଜରେଜ' ଦରକାର । ବାପା, ମାଆଙ୍କର ସେହି ଟିଣ ଆଲମିରାଟିକୁ ଶବରୀ ଦେଇ ଦେଇ ପରବର୍ତ୍ତୀ ଅବସ୍ଥାରେ ମା'ଙ୍କ ପାଇଁ ଗୋଟିଏ ଗୋଦରେଜର ଆଲମାରୀ ଆଣିଦେଇଥିଲେ । ବାପା ମୋ ଆଡ଼କୁ ଅନାଇ କହିଲେ କାଲି ସକାଳ ୫ଟାରେ ଗୋଟାଏ ଓଲା ବୁକ୍ କରିଦେବୁ । ଆମ ଶବରୀ ଓଲାରେ ବସି ଆମ ସହ ପୁରୀକୁ ଯିବ । ଏକଥା ଶୁଣି ଶବରୀ କହିଲା, 'ନାଇଁ ଲୋ ବାବା ମୁଁ ପୁରୀ ନାଇଁ ଯାଏ । ମୁଁ କୋଉ ଓଲା ସଙ୍ଗେ ନାଇଁ ଯାଏ । ଓଲା ମତେ କେଣେ ନେଇଯିବ । ଓଲା କିଛି ଜାଣେନା । ମତେ କୋଉଠି ବିକି ଦେବ । ମୁଇଁ ଘର ଜଗି କରି ରହିବି । କୋଉ ଓଲା ପିଲା ସାଙ୍ଗେ ଯିବିନି ମୋତକ ଡର ଲାଗୁଚେ ।'

ଆମେ ଯେତେ ବୁଝାଇଲୁ ଓଲା ଗୋଟିଏ କମ୍ପାନୀର ନାମ ଯେକି ଗାଡ଼ି ବ୍ୟବସାୟ କରନ୍ତି ଓ ସେହି କମ୍ପାନୀ ଗାଡ଼ିରେ ଆମେ ପୁରୀ ଯିବା, ମହାପ୍ରସାଦ ଖାଇବା, ସମୁଦ୍ର କୂଳରେ ବୁଲିବା ଇତ୍ୟାଦି ଇତ୍ୟାଦି । ଶବରୀ କିନ୍ତୁ ମାଁଙ୍କ ଫଣଫଣିଆ ମୁହଁ ଦେଖି ଜାଣିଲ । ତାଙ୍କ ସହ ଏକା ସଙ୍ଗରେ ଶବରୀ ଯାଉ ସେ କଥାରେ ଚାହୁଁନାହାଁନ୍ତି କାରଣ ମା ଥରେ ବି ଶବରୀକୁ ପୁରୀ ଯିବା ପାଇଁ କହିନଥିଲେ । ଖାଲି ଖୁସି ହୋଇ କହୁଥାନ୍ତି ଓଲା କେତେବେଳେ ଆସିବ । ଶବରୀ ବୁଝି ପାରିଲା କିଛି ଗୋଟେ ମାଁଙ୍କ ମନ୍ଦ ଉଦ୍ଦେଶ୍ୟ ଅଛି । କୋଉ ଗୋଟା ଓଲାକୁ ଡାକି ଜଙ୍ଗଲରେ ଛାଡ଼ି ଦେଲେ ତାର କ'ଣ ଅବସ୍ଥା ହେବ । ତେଣୁ ସେ ପୁରୀ ଗଲାନାହିଁ । ଆମେ ସମସ୍ତେ ପୁରୀ ଗଲୁ । ବହୁତ ବୁଲାବୁଲି କଲୁ । ମଜା କଲୁ । ଶବରୀ ଘର ଜଗି ରହିଲା । ମା' ତା ପାଇଁ ଗୋଟିଏ ଧଳା ଶଙ୍ଖ ଟିଏ ବଡ଼ଦାଣ୍ଡରୁ କିଣିଲେ । କହିଲେ ସେ ବଣଭାଲୁ ଶଙ୍ଖଟାକୁ ଠିକ ବୁଝି ପାରିବ ଓ ସନ୍ଧ୍ୟାରେ ବଜାଇବ । ଘରକୁ ଫେରି ମା' ଶଙ୍ଖଟିକୁ ନେଇ ତାକୁ ଦେଲେ କହିଲେ ସଞ୍ଜ ବେଳେ ଏହାକୁ ତିନିଥର ଫୁଙ୍କିବ । କିନ୍ତୁ ଏ କ'ଣ ସେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ତାର ଜଗନ୍ନାଥଙ୍କ ମୁଣ୍ଡ ଉପରେ ସୁନ୍ଦର ସୁନ୍ଦର ମନ୍ଦାର ଫୁଲ ଦିଆଯାଇଛି । ଫଟୋରୁ ମହୁ ଝରୁଛି ଓ କଳା ପିମ୍ପୁଡ଼ି ସେଠାରେ ମନ୍ଦା ମନ୍ଦା ହୋଇ ବସିଛନ୍ତି ।

ଅବସରପ୍ରାପ୍ତ ପ୍ରାଧାପିକା,
ସିଡ଼ିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ଶିବାନନ୍ଦ ସାହିତ୍ୟ : ଆଧାତ୍ମ ବିଦ୍ୟା ବିଦ୍ୟାନଂ



**ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ**

ବ୍ୟକ୍ତି ହୃଦୟର ସୃଜନଶକ୍ତି, ସାହିତ୍ୟ ରୂପରେ ଅଭିବ୍ୟକ୍ତ ହୋଇଥାଏ । ଏହାପ୍ରତି ହୃଦୟରେ ଅଳ୍ପ ବହୁତ ଭାବ ଆକାରରେ ଥାଏ । ଏହାର ଶକ୍ତି ଅସୀମ । ଭାବ ରାଜ୍ୟକୁ ସ୍ପନ୍ଦିତ କରି ଇନ୍ଦ୍ରିୟମାନଙ୍କ ଦ୍ୱାରା ଭାଷା ରୂପରେ ସାହିତ୍ୟ ହୃଦକନ୍ଦରରୁ ଝରିଆସେ । ସାହିତ୍ୟ ପ୍ରଭାବରେ ଜଡ଼ ଚେତନ ସବୁ ପ୍ରଭାବିତ ହୁଅନ୍ତି । ବେଳେବେଳେ ବିଗଳିତ ମଧ୍ୟ ହୋଇଯାନ୍ତି । ଶାସ୍ତ୍ର, ଅନୁଭବ ଓ କିମ୍ବଦନ୍ତୀ ଏହାର ପ୍ରମାଣ । ପ୍ରେମଭକ୍ତିର ଭାବାବେଗରେ ପଥର ତରଳିବା, ତରୁ-ତୃଣ ଖଗ-ମୃଗ ବିମୋହିତ ହୋଇଯିବା, ହିଂସ୍ର ଜୀବଜନ୍ତୁମାନେ ନୀରବରେ ବୋଲ ମାନିବା ଆଦି ମଧ୍ୟ ଦେଖାଯାଏ । ଭାବପୂର୍ଣ୍ଣ ମେଘମହ୍ଲାର ରାଗରେ ଆକାଶରୁ ବର୍ଷାଧାରା ଝରିଆସେ ବୋଲି ଶୁଣାଯାଏ । ଦୀପକ ରାଗରେ ଦୀପ ଜଳିଆସେ । ଦେବତାମାନେ ଆକର୍ଷିତ ହୋଇ ଧରାକୁ ଅବତରୀ ଆସନ୍ତି । ହିଂସ୍ର ପଶୁପକ୍ଷୀମାନେ ସ୍ନେହ ପ୍ରେମର ଆବେଶରେ ବଶ ହୋଇଯାଆନ୍ତି । ପ୍ରେରଣାପ୍ରଦ ଓଜସ୍ୱିନୀ ଭାଷଣ ପ୍ରଭାବରେ ପଙ୍ଗୁ ଗିରି ଲଙ୍ଘନ କରିବାର ଶକ୍ତି ଲାଭ କରେ, ମୂର୍ଖ ପଣ୍ଡିତ ହୋଇଯାଏ । ଏହା ସବୁ ସାହିତ୍ୟର ଆଧୁନିକ ବିଶ୍ୱର ମହାନ ସନ୍ଥ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଜଣେ ଅସୀମ ଶକ୍ତିଧର କଳାନୁରାଗୀ ବିରଳ ମହାପୁରୁଷ । ଆପଣା ଜନ୍ମଗତ ସୃଜନଶୀଳ ଆବେଗ, କଠୋର ତପସ୍ୟାର ସାଧନା ଶକ୍ତି ତାଙ୍କ ଜୀବନକୁ ବିପୁଳ ଭାବେ ପ୍ରଭାବିତ କରିଛି । ଈଶ୍ୱରଙ୍କ କୃପା ଓ ଆତ୍ମପ୍ରେରଣାରେ ସେ ସୃଷ୍ଟି କରିଛନ୍ତି ବିପୁଳ ସାହିତ୍ୟ ସମ୍ଭାର । ଯାହାକି ବିଶ୍ୱ ବାଣୀ ଭଣ୍ଡାରକୁ ବହୁ ଭାବରେ ସମୃଦ୍ଧ କରିଛି । ତିନିଶହରୁ ଅଧିକ ପୁସ୍ତକ ଇଂରାଜୀ ଭାଷାରେ ରଚନା କରି ସେ ସାରା ମାନବ ସମାଜକୁ ଚମତ୍କୃତ କରିଦେଇଛନ୍ତି ।

ସ୍ୱାମୀ ଶିବାନନ୍ଦଙ୍କର ପୂର୍ବ ନାମ ଥିଲା କୁପ୍ପୁ ସ୍ୱାମୀ । ୧୮୮୭ ମସିହା ସେପ୍ଟେମ୍ବର ମାସ ୮ ତାରିଖ ଦିନ ଦକ୍ଷିଣ ଭାରତର ତାମିଲନାଡୁ ରାଜ୍ୟରେ ବିଶିଷ୍ଟ ବିଦ୍ୱାନ ଆପାୟା ଦକ୍ଷିତାରଙ୍କ ବଂଶରେ ସେ ଧରାବତରଣ କରିଥିଲେ । ମାତା ପାର୍ବତୀ ଅମଲା ଓ ପିତା ଶ୍ରୀ ପି ଏସ୍ ଭେଙ୍ଗୁ ଆୟାର ଥିଲେ ଅତ୍ୟନ୍ତ ଭକ୍ତିପ୍ରାଣ କୁଳୀନ ବ୍ରାହ୍ମଣ । ପିଲାଟି ଦିନରୁ ଶିଶୁ କୁପ୍ପୁ ସ୍ୱାମୀ ମଧ୍ୟରେ ଅସାଧାରଣ ଧୀମତା ଓ ଦିବ୍ୟ ପ୍ରତିଭା ପ୍ରକାଶ ପାଇଥିଲା । ସେ ଥିଲେ ଜଣେ ମେଧାବୀ ଛାତ୍ର । ଖେଳ କୌତୁକ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟରେ ସେ ଥିଲେ ଧୂରନ୍ଧର । ଡାକ୍ତରୀ ଶିକ୍ଷା ସମାପ୍ତ ପରେ ସେ ସୁଦୁର ମାଲେସିୟାରେ ଏକ ଡାକ୍ତର ଭାବେ ସେବା ପ୍ରଦାନ କରିଥିଲେ । ଡାକ୍ତର କୁପ୍ପୁ ସ୍ୱାମୀଙ୍କର ସେବାନୈପୁଣ୍ୟତା ତାଙ୍କୁ ଅଜସ୍ର ଖ୍ୟାତି ପ୍ରଦାନ କରିଥିଲା । ଛାତ୍ର ଜୀବନରେ ସେ 'ଆମ୍ବ୍ରୋସିୟା' ନାମକ ଏକ ସ୍ୱାସ୍ଥ୍ୟସେବା ପତ୍ରିକା ପ୍ରକାଶ କରିଥିଲେ । ତାହା ଖୁବ୍ ପ୍ରସିଦ୍ଧି ପ୍ରାପ୍ତ ହୋଇଥିଲା । ଗୋଟିଏ ସଂଖ୍ୟା ବନ୍ଦ ହୋଇଗଲେ ଅନେକ ଅନୁରୋଧ ପତ୍ର ତାଙ୍କ ପାଖକୁ ଆସୁଥିଲା । ତତ୍କାଳୀନ ଭାରତର ବହୁ ପ୍ରତିଷ୍ଠିତ ଲେଖକ ଏଥିରେ ଲେଖା ଦେଉଥିଲେ । ଲେଖିବା, କହିବା ଓ ମନୋରଞ୍ଜନ କରିବା ସତେଅବା ତାଙ୍କର ଜନ୍ମସିଦ୍ଧ ସ୍ୱଭାବ ଥିଲା । ଏସବୁ ସତ୍ତ୍ୱେ ସେ ଆତ୍ମକଲ୍ୟାଣ ଦିଗରେ ଆଗ୍ରହୀ ହୋଇଉଠିଲେ । ଆତ୍ମାନୁସନ୍ଧାନ ଓ ଆତ୍ମକଲ୍ୟାଣ ପାଇଁ ସେ ମାଲେସିୟା ଛାଡ଼ି ଭାରତ ଫେରି ଆସିଲେ । ବଡ଼ ଚାକିରୀ, ମୋଟା ବେତନ, ବିପୁଳ ସମ୍ମାନ ତାଙ୍କୁ ଆଉ ଆକର୍ଷଣ କରିପାରିଲା ନାହିଁ । ଦେବତାତ୍ମା ହିମାଳୟ ଓ ପତିତପାବନୀ ମା' ଗଙ୍ଗାଙ୍କ ସାନ୍ନିଧ୍ୟ ଲାଭ କରି ସେ ତନ୍ମୟ ହୋଇଗଲେ ।

ଶିବାନନ୍ଦଙ୍କ ସାଧନାର ଆଧାରଶୀଳା ଆଧ୍ୟାତ୍ମିକତା । 'ଅଧ୍ୟାତ୍ମ ବିଦ୍ୟା ବିଦ୍ୟାନଂ' ଜୀବନରେ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତିର ଲକ୍ଷ୍ୟ ନେଇ ସତ୍ ଆଧାରରେ କର୍ମକୁ ଧର୍ମରେ ରୂପାନ୍ତରିତ କରିବାକୁ ହେବ । ବିଶ୍ୱରେ ପ୍ରତିଷ୍ଠିତ ସମସ୍ତ ସଭ୍ୟତା, ସଂସ୍କୃତି ଓ ଧର୍ମଧାରାର ସାରମର୍ମକୁ ଗଭୀର ଭାବେ ଅଧ୍ୟୟନ କରି ସେ ତତ୍ତ୍ୱ ଖୋଜିବାକୁ ଲାଗିଲେ । ସନାତନ ସଂସ୍କୃତିର ବିପୁଳ ଜ୍ଞାନ ଭଣ୍ଡାରକୁ ମନ୍ଥନ କରି ରତ୍ନାକରରୁ ରତ୍ନ ସଂଗ୍ରହ ପରି ସମସ୍ତ ଧର୍ମ, ମତ, ପନ୍ଥର ସାରମର୍ମକୁ ସେ ମାତ୍ର ଛଅଗୋଟି ଶବ୍ଦରେ ସକଳ ମାନବ ସମାଜର କଲ୍ୟାଣ ପାଇଁ ପରଷି ଦେଇଛନ୍ତି । ସେଗୁଡ଼ିକ ହେଲେ- (ସେବା, ପ୍ରେମ, ଦାନ, ପବିତ୍ରତା, ଧ୍ୟାନ ଓ ଆତ୍ମାନୁଭବ) - ଏହା ସକଳ ଧର୍ମ ଦର୍ଶନର ସାରକଥା । ଜୀବନରେ ଏହାର ପ୍ରୟୋଗ ଦ୍ୱାରା ସମସ୍ତ କଲ୍ୟାଣ ସମ୍ଭବ ହୋଇପାରିବ ।

ସ୍ୱାମୀ ଶିବାନନ୍ଦ ସାରା ଭାରତବର୍ଷ ଭ୍ରମଣ କରି ପୁଣ୍ୟଭୂମି ଋଷିକେଶ ମା' ଗଙ୍ଗାଙ୍କ ପାବନ ତଟକୁ ଆପଣା ସାଧନା କ୍ଷେତ୍ର ଭାବରେ ସ୍ଥିର କଲେ । ଏହିଠାରେ ଆତ୍ମାନୁସନ୍ଧାନ ପାଇଁ କଠୋର ସାଧନାରେ ମଗ୍ନ ହୋଇଗଲେ । ଗଭୀର ତପସ୍ୟାରେ ଆଧାତ୍ମିକତାର ଅଜସ୍ର ଆନନ୍ଦ ତାଙ୍କୁ ପରିପୂର୍ଣ୍ଣ କରିଦେଲା । ନିଜର ଅନୁଭୂତିକୁ ଆଧାର କରି ସେ ଗାଇ ଉଠିଲେ - ହେ ଦିବ୍ୟ ଅମର ଆତ୍ମନ୍ ! ହେ ପ୍ରିୟ ଆତ୍ମସ୍ୱରୂପ ଅମୃତର ସନ୍ତାନଗଣ ! ଉଠ : ଜାଗ : ଆପଣାର ଦିବ୍ୟ ସ୍ୱରୂପରେ ପ୍ରତିଷ୍ଠିତ ହୁଅ । ଭଲ ହୁଅ, ଭଲ କର । ପଠନ, ପାଠନ ଏବଂ ଆତ୍ମନିରୀକ୍ଷଣ ଦ୍ୱାରା ନିଜକୁ ଜାଣ । ଏହି ବିଶାଳ ସାହିତ୍ୟ ସମ୍ଭାର ବିଶ୍ୱ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଥିବା ଗୋଟିଏ ଗୋଟିଏ ଉପାଦେୟ ରତ୍ନ ସଦୃଶ ଅଟନ୍ତି । ଶିବାନନ୍ଦଙ୍କ ସାହିତ୍ୟର ତୁଳନା ନାହିଁ । ସେ ଆପଣାର ଅମୃତବର୍ଷୀ ସାହିତ୍ୟ ଦ୍ୱାରା ବିଶ୍ୱର କୋଣେ କୋଣେ ପହଞ୍ଚି ପାରିଛନ୍ତି । ଅମୃତମୟ ପ୍ରେରଣାପ୍ରଦ ବାଣୀଦ୍ୱାରା ମୁମୁକ୍ଷୁ ସାଧକଙ୍କୁ ଆକର୍ଷଣ କରି ଟାଣି ଆଣିଛନ୍ତି ନିଜ ପାଖକୁ । ବେଦ-ବେଦାନ୍ତ, ଗୀତା, ଭାଗବତ, ଉପନିଷଦ ଆଦି ସମସ୍ତ ଧର୍ମଶାସ୍ତ୍ରର ସାରମର୍ମକୁ ସେ ତାଙ୍କ ଆପଣା ଭାଷାରେ ରଚନା କରିଛନ୍ତି । ଧର୍ମ, ଦର୍ଶନ, ସ୍ୱାସ୍ଥ୍ୟ, ଶିକ୍ଷା, ଚିକିତ୍ସା ବିଜ୍ଞାନ, ଜ୍ୟୋତିଷ, ସଂଗୀତ, ନୃତ୍ୟ, ସାହିତ୍ୟ, କଳା ସହିତ ଆଧୁନିକ ବିଜ୍ଞାନର ପରିବର୍ତ୍ତିତ ଜ୍ଞାନ କୌଶଳ ମଧ୍ୟ ତାଙ୍କ ଲେଖାରେ ଅନୁରଣିତ ହୋଇଛି । ଏହା ଲୋକକଲ୍ୟାଣ ପାଇଁ ଅତ୍ୟନ୍ତ ଉପାଦେୟ । ତାଙ୍କ ସାହିତ୍ୟ ମାନଙ୍କୁ ସେ ଜ୍ଞାନଯଜ୍ଞ ପ୍ରସାଦ ଭାବରେ ଛପାଇ ବିତରଣ କରନ୍ତି ।

ଲୋକମାନଙ୍କର ଆଗ୍ରହକୁ ଲକ୍ଷ୍ୟ କରି ପୂଜ୍ୟ ସ୍ୱାମିଜୀ ୧୯୩୬ ମସିହାରେ ପ୍ରତିଷ୍ଠା କରିଥିଲେ ଦିବ୍ୟଜୀବନ ସଂଘ । ଏହା ନିଛକ ଉଦାରତା ଉପରେ ପ୍ରତିଷ୍ଠିତ ଏକ ଆଧାତ୍ମିକ ଓ ସମାଜସେବୀ ଧାର୍ମିକ ଅନୁଷ୍ଠାନ । ସାରା ପୃଥିବୀରୁ ତୀର୍ଥାଟନ ଓ ପର୍ଯ୍ୟଟନରେ ଆସୁଥିବା ଆଗନ୍ତୁକ ମାନଙ୍କ ପାଇଁ ଶିବାନନ୍ଦ ଆଶ୍ରମ ଏକ ସ୍ୱାଗତ ତୋରଣ ଭଳି ଅଟେ । ଯାତ୍ରୀମାନଙ୍କର ରହିବା ଖାଇବାର ସମସ୍ତ ସୁବିଧା ଆଶ୍ରମରେ ଅଛି । ଏହା ସାଧକ, ଭକ୍ତ ଓ ତପସ୍ୱୀମାନଙ୍କ ପାଇଁ ମୁଖ୍ୟତଃ ଉଦ୍ଦିଷ୍ଟ ହୋଇଥିଲେ ମଧ୍ୟ ପ୍ରତିଦିନ ଶହଶହ ତୀର୍ଥଯାତ୍ରୀମାନଙ୍କର ସମାଗମ ହୋଇଥାଏ । ଏଠାରେ ତୀର୍ଥ ଭ୍ରମଣ, ସାଧୁ ଦର୍ଶନ ଓ ସତ୍‌ସଙ୍ଗ ପାଇଁ ପ୍ରଶସ୍ତ ବ୍ୟବସ୍ଥା ସ୍ୱାମିଜୀ କରିଛନ୍ତି । ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଆଶ୍ରମକୁ ଆସି ସତ୍‌ସଙ୍ଗ, ସାଧୁସଙ୍ଗ ମାଧ୍ୟମରେ ଜୀବନର କଲ୍ୟାଣ ସାଧନ କରିଛନ୍ତି ।

ସ୍ୱାମୀ ଶିବାନନ୍ଦ ସେବାର ମୂର୍ତ୍ତିମନ୍ତ ବିଗ୍ରହ ଥିଲେ । ସେବା, ପ୍ରେମ, ଦାନ, ଧ୍ୟାନ ତାଙ୍କର ନିତ୍ୟପ୍ରତ୍ୟ ସ୍ୱଭାବ ଥିଲା । ତାଙ୍କ ଦର୍ଶନରେ ଆସୁଥିବା କେହି ଲୋକ ରିକ୍ତ ହସ୍ତରେ ଫେରୁ ନଥିଲେ । ଲୋକ ଥଟ୍ଟାରେ କହୁଥିଲେ- ସେ ଶିବାନନ୍ଦ ନୁହଁନ୍ତି ଗିଭାନନ୍ଦ । ସେ ଶକ୍ତିରୁ ଅତୀତ ହୋଇ ସେବା ଓ ଦାନ କରୁଥିଲେ । ସ୍ୱାମୀ ଶିବାନନ୍ଦ ସଶରୀରରେ ନଥିଲେ ମଧ୍ୟ ତାଙ୍କ ପ୍ରତିଷ୍ଠିତ ଦିବ୍ୟ ଜୀବନ ସଂଘ ଓ ଶିବାନନ୍ଦ ଆଶ୍ରମ ଆପଣା ଗରିମାରେ ବିଶ୍ୱପ୍ରସିଦ୍ଧ ଓ ବିଶ୍ୱବନ୍ଦିତ । ସ୍ୱାମୀ ଶିବାନନ୍ଦ ଆଧୁନିକ ବିଶ୍ୱ ପାଇଁ ବରଦାନ । ଶିବାନନ୍ଦଙ୍କ ସାହିତ୍ୟ ଅମୃତମୟ । ଏହା ବିଶ୍ୱ ମାନବତା ପାଇଁ ଏକ ଆଶୀର୍ବାଦ । ବିଶ୍ୱ ଦରବାରରେ ସନାତନ ସଂସ୍କୃତିର ପ୍ରଚାର ପ୍ରସାର ସହିତ ମାନବ ନିର୍ମାଣ କରିବାରେ ତାଙ୍କର ଭୂମିକା ଅବିସ୍ମରଣୀୟ । ପ୍ରକୃତରେ ସ୍ୱାମୀ ଶିବାନନ୍ଦ ସାରା ବିଶ୍ୱ ତଥା ମାନବତା ପାଇଁ ଯାହା କରିଛନ୍ତି କେବଳ ଆଉଜଣେ ଶିବାନନ୍ଦ ଆସିଲେ ହିଁ ତା'ର ଆକଳନ କରିପାରିବେ, ଅନୁଭବ କରିପାରିବେ ।

*ସ୍ୱାମୀ ଚିଦାନନ୍ଦ ବିଶ୍ୱଶାନ୍ତି ପ୍ରତିଷ୍ଠାନ,*
*ମାଙ୍ଗାଲୋର, ବେଙ୍ଗାଲୁର, ଭାରତ,*
*ଦୂରଭାଷ : ୯୪୩୯୪୯୬୪୯୦*




# ସଞ୍ଜୟଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ, ପଇସା ଟିଏ ପାଇଁ ମା ବାର ଦୁଆର ସୁଣ୍ଡି ପିଣ୍ଡା



[illegible]

# ମେଗା ଜଳ ପ୍ରକଳ୍ପ ଅଚଳ;ଜମି ଫାଟି ଆଁ; ଚିନ୍ତାରେ ଚାଷୀ ସମସ୍ୟାର ସମାଧାନ ନିମନ୍ତେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



[illegible]

## ସୁସ୍ଥ ସମାଜ ଗଠନ ପାଇଁ ପରିବେଶ ସୁରକ୍ଷା ନିତାନ୍ତ ଆବଶ୍ୟକ

[illegible]

## ତିରିଶ ଥ୍ରୀଲପେର ଫାଉଣ୍ଡେସନ ତରଫରୁ କୋମିନିଙ୍କୁ ଅର୍ଥିକ ସହାୟତା



[illegible]

# କନ୍ଧମାଳର ଜନଜାତି ଯୁବ ଉଦ୍ୟୋଗୀଙ୍କ ସ୍ୱପ୍ନ ପୂରଣ କଲା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିସନ

[illegible]

# ହିଣ୍ଡାଲକୋ ଦ୍ୱାରା କମ୍ୟୁନିଟି ସେଣ୍ଟର ନବୀକରଣ ଓ ଉଦ୍‌ଘାଟିତ



[illegible]

# ୟୁଟ୍ୟୁବ ବ୍ୟାନ ପରେ "ବିଗେଷ୍ଟ କେସ ଷ୍ଟଡି ଅନ୍ ଆର୍ଥ" ଚର୍ଚ୍ଚାରେ



[illegible]

# ପୁନଃ ପ୍ରକାଶ ପାଇବତ ଶିଶୁଲେଖା, କୋଣାର୍କ !



[illegible]




# ବିନା ଅନୁମତିରେ ମାଲମାଲ କଲ୍ୟାଣ ମଣ୍ଡପ

**ଆୟ କୋଟିଏରୁ ଅଧିକ, ରାଜସ୍ୱ ଦେବାକୁ କୁଣ୍ଠକୁଣ୍ଠ**

ଭୁବନେଶ୍ୱର,(ପି.ଏନ): [illegible]



[illegible]

## ସାଇତା ସ୍ମୃତିର ଠିକଣା ହେଉଛି ଗାଁ



**ଆମେ ଗାଁକୁ ଫେରିବୁ**

[illegible]

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,(ପି.ଏନ): [illegible]

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ରାଷ୍ଟ୍ରୀୟ ଅନ୍ତରୀକ୍ଷ ଦିବସ

ଭୁବନେଶ୍ୱର,(ପି.ଏନ): [illegible]



[illegible]

## ଜାତୀୟ ମହାକାଶ ଦିବସ



ଭୁବନେଶ୍ୱର,(ପି.ଏନ): [illegible]

## ବାରିକ ସମିତି ପକ୍ଷରୁ ପଦ୍ମଶ୍ରୀ ବିନୋଦଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ପି.ଏନ): [illegible]

## ମନ୍ଦିର ପରିସରରେ ଚାରାରୋପଣ

ଭୁବନେଶ୍ୱର,(ପି.ଏନ): [illegible]

## ଗାଜର ଘାସ ନିରାକରଣ ରାଲି



ଭୁବନେଶ୍ୱର,(ପି.ଏନ): [illegible]

## 'ଲିପିତତ୍ତ୍ୱ: ଇତିହାସ ରଚନାରେ ଏକ ମୂଳ ଉପାଦାନ' ଶୀର୍ଷକ ଆଲୋଚନା

ଭୁବନେଶ୍ୱର,(ପି.ଏନ): [illegible]

## ବିଜେପି ପକ୍ଷରୁ ମଣ୍ଡଳସ୍ତରୀୟ ଉପସଭାପତି ଓ ସମ୍ପାଦକ ଚୟନ

ଭୁବନେଶ୍ୱର,(ପି.ଏନ): [illegible]

## ଲେଖାଲେଖିର 'ସାହିତ୍ୟ ସପ୍ତାହ'

ଭୁବନେଶ୍ୱର,(ପି.ଏନ): [illegible]

## ଯକ୍ଷ୍ମାରୋଗ ନିରାକରଣ ସଚେତନତା



ଭୁବନେଶ୍ୱର,(ପି.ଏନ): [illegible]

## ବିଏମ୍‌ସିରେ ଗାଡ଼ି ସ୍କ୍ରାପିଂ ପଲିସି ଲାଗୁ

**ପ୍ରଥମ ପର୍ଯ୍ୟାୟରେ ୨୮ ଗାଡ଼ି ଚିହ୍ନଟ**

ଭୁବନେଶ୍ୱର,(ପି.ଏନ): [illegible]



[illegible]